Krishi Vigyan Kendra, Sundargarh-I (Kirei)
Odisha University of Agriculture & Technology
Bhubaneswar

କୃଷି ସମାଚାର ପତ୍ରିକା

# ଚାଷ ବାସ
# CHASS BASS

E-Newsletter

ICAR
କୃଷି ବିଜ୍ଞାନ କେନ୍ଦ୍ର
ସୁନ୍ଦରଗଡ, (କିରେଇ)
ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ
ଭୁବନେଶ୍ୱର

ତ୍ରୟୋଦଶ ବର୍ଷ | ଏପ୍ରିଲ ୨୦୨୧ – ମାର୍ଚ୍ଚ ୨୦୨୨ | ପ୍ରଥମ ସଂଖ୍ୟା

## ଆମ ପରିବାର

**ମୁଖ୍ୟ ସମ୍ପାଦିକା:**
ଡଃ. ଲକ୍ଷ୍ମୀପ୍ରିୟା ପ୍ରଧାନ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

**ସମ୍ପାଦକ:**
ଡଃ ମନୋଜ କୁମାର ଜେନା,
ବୈଜ୍ଞାନିକ (ମୃତ୍ତିକା ବିଜ୍ଞାନ)

**ସମ୍ପାଦନା ମଣ୍ଡଳୀ**
ଡେଭିଡ ଜେମସ୍ ବାଗେ,
ବୈଜ୍ଞାନିକ (କୃଷି ସମ୍ପ୍ରସାରଣ)

ଡଃ ଦ୍ୱିବେନ୍ଦୁ ମଣ୍ଡଳ,
ବିଷୟ ବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)

ମୁଦାଦା ଦିବ୍ୟନାଥ,
କାର୍ଯ୍ୟକ୍ରମ ସହାୟକ (ମତ୍ସ୍ୟ ବିଜ୍ଞାନ)

**ସହଯୋଗ**
ଅରୁଣ କୁମାର ମିଶ୍ର,
କାର୍ଯ୍ୟକ୍ରମ ସହାୟକ (କମ୍ପ୍ୟୁଟର)
ଓ
କମଳ ଲୋଚନ ମହାନ୍ତ,
ଷ୍ଟେନୋ ତଥା କମ୍ପ୍ୟୁଟର ଅପରେଟର

ପ୍ରକାଶକ:
**କୃଷି ବିଜ୍ଞାନ କେନ୍ଦ୍ର,**
**ସୁନ୍ଦରଗଡ-୭୭୦୦୭୩**

*The Newsletter is published & Owned by Sr. Scientist and Head, Krishi Vigyan Kendra, Sundargarh-I (Kirei), Pin-770073, E-mail: kvksundargarh1.ouat@gmail.com, Web:www.kvksundargarh-1.org*

## ଅଧ୍ୟକ୍ଷଙ୍କ ବାର୍ତ୍ତା



କୃଷି ବିଜ୍ଞାନ କେନ୍ଦ୍ର ସୁନ୍ଦରଗଡ, ଜିଲ୍ଲାରେ କୃଷି ଉତ୍ପାଦନ ବୃଦ୍ଧି ଓ କୃଷକର ସର୍ବୋତ୍ତର ଉନ୍ନତି ନିମନ୍ତେ ୨୦୦୪ ମସିହାଠାରୁ କାର୍ଯ୍ୟ କରିଆସୁଅଛି । ଚାଷୀଙ୍କ ସମସ୍ୟା, ଆଗ୍ରହ, ସମ୍ବଳ ଓ ପରିବର୍ତ୍ତିତ ପାଣିପାଗକୁ ଆଖି ଆଗରେ ରଖି ଚାଷୀମାନଙ୍କ ନିମନ୍ତେ ନୂତନ ଜ୍ଞାନକୌଶଳର ତାଲିମ, କ୍ଷେତ୍ର ପ୍ରର୍ଦଶନ ଓ ପରୀକ୍ଷଣ କରିଆସୁଅଛି । ଅଳ୍ପ ଜମିରୁ ଅଧିକ ଉତ୍ପାଦନ କରିବା ନିମନ୍ତେ ବିଭିନ୍ନ ପ୍ରକାରର ସମନ୍ୱିତ କୃଷି ପ୍ରଣାଳୀକୁ ଆପଣେଇ ନେବାପାଇଁ ତାଲିମ ଓ କ୍ଷେତ୍ର ପ୍ରର୍ଦଶନକରି ଚାଷୀଙ୍କୁ ପ୍ରୋତ୍ସାହିତ କରୁଅଛି । ଧାନଚାଷ ଅପେକ୍ଷା ଅଣଧାନ ଚାଷକୁ ପ୍ରାଧାନ୍ୟ, ରାସାୟନିକ ସାର ସହିତ ଜୈବିକ ସାରର ପ୍ରୟୋଗ ଜିଲ୍ଲାରୁ ପୋଷଣ ନିରାପତ୍ତା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ ଓ ସଚେତନତା, କ୍ଷୁଦ୍ର ଶସ୍ୟଚାଷକୁ ପ୍ରାଧାନ୍ୟ ଦେଇ ମୂଲ୍ୟଯୁକ୍ତ ପର୍ଦାଥ ପ୍ରସ୍ତୁତି ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ କରିଆସୁଅଛି । ଜିଲ୍ଲାରେ କୃଷି ସହିତ ଜଡିତ ସମସ୍ତ ବିଭାଗ ସହିତ ସହଯୋଗ ରଖି କୃଷି ଓ କୃଷକର ଉନ୍ନତି ନିମନ୍ତେ କାର୍ଯ୍ୟ କରୁଅଛି । ଜିଲ୍ଲାରେ ଚାଷୀ ଉଦ୍ୟୋଗୀ ସୃଷ୍ଟି କରିବା ଏବଂ ସଫଳ ଚାଷୀକୁ ସମ୍ମାନିତ କରି ଉତ୍ସାହିତ କରିବା ଉତ୍ୟାଦି କାର୍ଯ୍ୟ କୃଷି ବିଜ୍ଞାନ କେନ୍ଦ୍ର ଗ୍ରହଣ କରିଆସୁଛଅଛି ।

କୃଷି ବିଜ୍ଞାନ କେନ୍ଦ୍ର , ସୁନ୍ଦରଗଡର ସମାଚାର ପତ୍ରିକା "ଚାଷବାସ" ର ତ୍ରୟୋଦଶ ତମ ସଂସ୍କରଣ ପ୍ରକାଶିତ ହେଉଥିବାରୁ ମୁଁ ବିଶେଷ ଆନନ୍ଦିତ । ଏହି କେନ୍ଦ୍ରର ସମସ୍ତ ଜ୍ଞାନକୌଶଳ ଓ ତଥ୍ୟକୁ ସମାଚାର ପତ୍ରିକା "ଚାଷବାସ" ମାଧ୍ୟମରେ ଚାଷୀ ପାଖରେ ପହଞ୍ଚାଯାଇ ପାରୁଛି ।

**ସମ୍ପ୍ରସାରଣ ଅଧ୍ୟକ୍ଷ**

## ମୁଖ୍ୟ ସମ୍ପାଦିକାଙ୍କ କଲମରୁ



କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ-୧ ସର୍ବଦା ଚାଷୀ ଓ ଚାଷର ଉନ୍ନତି ନିମନ୍ତେ ଜିଲ୍ଲାରେ କାମ କରିଆସୁଅଛି । ଚାଷୀର ସମସ୍ୟା ସମ୍ବଳ ଓ ପାଣିପାଗକୁ ଆଖିଆଗରେ ରଖି ବିଭିନ୍ନ ନୂତନ ଜ୍ଞାନକୌଶଳ ପ୍ରଦାନ କରିଆସୁଅଛି ଯେପରିକି ପାଳଛତୁରେ ଗୋବରଛତୁର ଦମନ, ରୁଆ ଧାନର ଘାସ ନିୟନ୍ତ୍ରଣ, ମୁଗଚାଷ ନିମନ୍ତେ ମାଟିରେ ଚୂନ ପ୍ରୟୋଗ ଉପରେ ପରୀକ୍ଷାକରି ଅନୁମୋଦିତ ବିବରଣୀ ପ୍ରଦାନ କରାଯାଉଅଛି । ଜିଲ୍ଲାରେ ଅପପୁଷ୍ଟିର ନିବାରଣ ନିମନ୍ତେ ପୋଷଣ ବଗିଚା, ମାଛଚାଷ, କୁକୁଡାଚାଷ ଓ ମହୁଚାଷ ଇତ୍ୟାଦି ଉପରେ ତାଲିମ ସହିତ କ୍ଷେତ୍ର ପ୍ରଦର୍ଶନକରି କରାଯାଉଅଛି । ସମନ୍ୱିତ କୃଷି ପଦ୍ଧତିରେ ଚାଷ କରିବାପାଇଁ ଚାଷୀମାନଙ୍କୁ ଆହ୍ୱାନ କରାଯାଉଅଛି । କୃଷି ବିଜ୍ଞାନ କେନ୍ଦ୍ର ସମସ୍ତ ତଥ୍ୟ, ଏହାର ସମାଚାର ପତ୍ରିକା "ଚାଷବାସ" ମାଧ୍ୟମରେ କୃଷକ, କୃଷିଜିବୀ ମହିଳା ଓ ସମ୍ପ୍ରସାରଣ ଅଧିକାରୀମାନଙ୍କ ପାଖରେ ପହଞ୍ଚାଯାଇପାରୁଛି ।

ଏହି ସମାଚାରପତ୍ରର ତ୍ରୟୋଦଶତମ ସଙ୍କଳନରେ ମୁଁ ବିଶେଷ ଭାବରେ ଆନନ୍ଦିତ ଏବଂ ଏହି ପତ୍ରର ଉନ୍ନତି କାମନା କରୁଅଛି ।

ଲକ୍ଷ୍ମୀପ୍ରିୟା ପ୍ରଧାନ
**ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ**

ଚାଷବାସ



## କଦଳୀ କାନ୍ଦି ମାଧ୍ୟମରେ ଖାଦ୍ୟପରିଚାଳନା ଉପରେ କ୍ଷେତ୍ର ପ୍ରଦର୍ଶନ

ସୁନ୍ଦରଗଡ ଜିଲ୍ଲାରେ କଦଳୀ ପ୍ରାୟ ୧୦୦ ହେକ୍ଟର ଜମିରେ ଚାଷ କରା ଯାଇଥାଏ । ମାତ୍ର ଉପଯୁକ୍ତ ଖାଦ୍ୟସାର ପରିଚାଳନା ଅଭାବରୁ କଦଳୀ କାନ୍ଦି ବହୁତ ଛୋଟ ହୋଇଥାଏ ଓ ବହୁତ କମ୍ ଅମଳ ମିଳିଥାଏ । ଏହି ସମସ୍ୟାକୁ ପରିଲକ୍ଷିତ କରି କଦଳୀକାନ୍ଦି ମାଧ୍ୟମରେ ଖାଦ୍ୟପରିଚାଳନା ଉପରେ ଏକ କ୍ଷେତ୍ରପ୍ରଦର୍ଶନ ଜିଲ୍ଲାର ରତନପୁର, ସାମିନା,ଅମସରଙ୍ଗା ଗ୍ରାମର ୧୦ ଜଣ କଦଳୀ ଚାଷୀଙ୍କ କ୍ଷେତରେ କରା ଯାଇଥିଲା ଜି-୯ କିସମ କଦଳୀ କାନ୍ଦି ଭଣ୍ଡା ଛାଡିବା ସମୟରେ ୧୫ ସେ.ମି. ଛାଡି କଟାଯାଇ, ତା ମୁହଁରେ କାନ୍ଦିପିଛା ୭.୫ ଗ୍ରାମ ୟୁରିଆ, ୭.୫ ଗ୍ରାମ ପୋଟାସିୟମ ସଲଫେଟ୍, ୫୦୦ ଗ୍ରାମ ସଜ ଗୋବର ଓ ୧୦୦ ମି.ଲି. ପାଣି ପଲିଥିନରେ ନେଇ ଭଲ-ଭାବରେ ମିଶାଇ ମୁହଁରେ ବାନ୍ଧି ଦିଆ ଯାଇଥିଲା । ଏହାଫଳରେ କଦଳୀ କାନ୍ଦିର ହାରାହାରି ଓଜନ ୩୦.୨ କି.ଗ୍ରା ହୋଇଥିବା ବେଳେ ଅନ୍ୟ କାନ୍ଦିର ଓଜନ(ପରିଚାଳନା କରା ଯାଇନଥିବା) ୨୬.୫ କି.ଗ୍ରା ହୋଇଥିଲା । କଦଳୀଗୁଡିକ ମୋଟା ଓ ଓଜନିଆ ହୋଇଥିଲା । କାନ୍ଦୀ ମାଧ୍ୟମରେ ଖାଦ୍ୟସାର ପରିଚାଳନା ଦ୍ୱାରା ହେକ୍ଟର ପ୍ରତି ୭୭୫ କ୍ୱିଣ୍ଟାଲ ଅମଳ ମିଳିଥିବା ବେଳେ ପରିଚାଳନା କରାଯାଇନଥିବା କ୍ଷେତରୁ୬୬୩ କ୍ୱିଣ୍ଟାଲ ମିଳିଥିଲା, ଯାହାକି ୧୩.୮୭ ପ୍ରତିଶତ ଅଧିକ ଥିଲା । ଏହି ଜ୍ଞାନ କୌଶଳଟି ଚାଷୀଙ୍କ ପାଖରେ ବହୁତ ଆଦୃତ ହୋଇପାରିଥିଲା ଓ କ୍ଷେତ୍ର ପ୍ରଦର୍ଶନରେ ସନ୍ତୋଷ ବ୍ୟକ୍ତ କରିଥିଲେ ।




## ପୁଆଳକୁ ବ୍ୟବହାର କରି ପାଳଛତୁ ଚାଷର କ୍ଷେତ୍ର ପ୍ରଦର୍ଶନ

ସୁନ୍ଦରଗଡର ଚାଷୀମାନେ ଧାନକୁ କମ୍ବାଇନ ହାର୍ଭେଷ୍ଟର କିମ୍ବା ବେଙ୍ଗଲାପକାଇ ଅମଳ କରିଥାନ୍ତି । ଜିଲ୍ଲାରେ ଛତୁଚାଷ ପାଇଁ ଟାଣ ନଡାର ଅଭାବ ଏବଂ ପୁଆଳକୁ ନେଇ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଆତ୍ମ ନିର୍ଭରଶୀଳ ନିମନ୍ତେ ଲକ୍ଷ୍ୟ ନେଇ କୃଷି ବିଜ୍ଞାନ କେନ୍ଦ୍ର ପୁଆଳରେ ଛତୁ ଚାଷର କ୍ଷେତ୍ର ପ୍ରଦର୍ଶନ ଫୁଲଧୁଡି, ଗୁରୁବସା, କିରେଇ, କୁତ୍ରା ଗ୍ରାମର ୩୦ ଜଣ ଚାଷୀଙ୍କୁ ନେଇ ଗତ ଖରିଫ, ୨୦୨୧ ପୁଆଳକୁ ବ୍ୟବହାର କରି ପାଳଛତୁ ଚାଷ ଉପରେ ଏକ କ୍ଷେତ୍ର ପ୍ରଦର୍ଶନ କରିଥିଲା । ପୁଆଳକୁ ନେଇ ପାଳଛତୁ ଚାଷରୁ ୧୦୦ଟି ବେଡ ପ୍ରତି ୬୫ କି.ଗ୍ରା. ଛତୁ ମିଳିଥିବା ବେଳେ, ଟାଣନଡା ବ୍ୟବହାରକରି ୮୫ କି.ଗ୍ରା ଛତୁ ମିଳିଥିଲା । ମାତ୍ର ଜୈବ ଦକ୍ଷତାକୁ ବିଚାରକୁ ନେଲେ ଏଥିରେ ଅଧିକ ଦକ୍ଷତା ୧୩.୦ ଥିବା ବେଳେ ଅନ୍ୟଥିଲେ ୧୨.୧ ଥିଲା । ଏହି ପ୍ରଣାଳୀରେ ଖର୍ଚ୍ଚ କମ୍ ହେବା ସହିତ ଉପଲବଧ ନଡାର ସଦୁପଯୋଗ ହୋଇପାରୁଛି । ଏହାଫଳରେ ଚାଷୀଭାଇମାନେ ବାହାରୁ ନଡାନକିଣି ପୁଆଳକୁ ଛତୁଚାଫ ପାଇଁ ବ୍ୟବହାର କରିପାରିବେ ।



## ଧାନ ଫସଲରେ ଲୌହ ବିଷାକ୍ତତା ପରିଚାଳନାର ସଫଳ କ୍ଷେତ୍ର ପ୍ରର୍ଦଶନ

ଖରିଫ ଋତୁରେ ସୁନ୍ଦରଗଡ ଜିଲ୍ଲାର ପ୍ରାୟ ୫୫୦୦ ହେକ୍ଟର ଖାଲୁଆ ଜମିରେ ଧାନ ଚାଷ କରା ଯାଇଥାଏ । ଏହି ସବୁ ଜମିରେ ଲୌହ ବିଷକ୍ତତା ଏହ ପ୍ରମୁଖ ସମସ୍ୟା ହୋଇତିବାରୁ ଧାନର ଅମଳ ବହୁତ ପରିମାଣରେ କମି ଯାଇଥାଏ । ଏହି ସମସ୍ୟାକୁ ଲକ୍ଷ୍ୟକରି ଗତ ଖରିଫ, ୨୦୨୧ରେ  କୃଷି ବିଜ୍ଞାନ କେନ୍ଦ୍ରର ପୋଷ୍ୟ ଗ୍ରାମ ରାଣୀବନ୍ଧ, ଡମକୁଡାଠାରେ ୧୦ ଜଣ ଅଗ୍ରଣୀଚାଷୀଙ୍କ କ୍ଷେତରେ ଲୌହ ବିଷାକ୍ତତା ପରିଚାଳନା ଉପରେ ଏକ କ୍ଷେତ୍ର ପ୍ରଦଶ ର୍ନ କରାଯାଇଥିଲା । ଜମିର ଜଳ ନିଷ୍କାସନ କରି ଏକର ପ୍ରତି ୧୦ କି.ଗ୍ରା. ଜିଙ୍କ ସଲଫେଟ୍ ଓ ୧୨.୫ କି.ଗ୍ରା. ପଟାସ ସାର ପ୍ରୟୋଗ କରି ମାଟିରେ ମିଶାଯାଇଥିଲା । ଫଳରେ ଲୌହ ବିଷାକ୍ତତାର ସଫଳ ପରିଚାଳନା ହୋଇପାରିଥିଲା ଓ ହେକ୍ଟର ପ୍ରତି ହାରାହାରି ଅମଳ ୪୬.୪ କ୍ୱିଣ୍ଟାଲ ମିଳିଥିଲା ଯାହାକି ପରିଚାଳନା କରାଯାଇନଥିବା ଜମିର ଅମଳ (୩୯.୨ କ୍ୱିଣ୍ଟା ଲ) ଅପେକ୍ଷା ୧୮.୩୬ ଶତାଂଶ ଅଧିକଥିଲା । ଆଗାମୀ ଦିନରେ ଏହି ଜ୍ଞାନକୌଶଳରେ ବ୍ୟାପକ ପ୍ରସାର ପାଇଁ କୃଷି ବିଜ୍ଞାନ କେନ୍ଦ୍ର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି ।




## ହାଇବ୍ରିଡ୍ ମକା "କଳିଙ୍ଗ ରାଜ"ର ଆଗୁଆ ଧାଡି କ୍ଷେତ୍ର ପ୍ରର୍ଦଶନ

ସୁନ୍ଦରଗଡ ଜିଲ୍ଲାର ଜଳବାୟୁ ଓ ମୃତ୍ତିକା ଚାଷପାଇଁ ଉପଯୁକ୍ତ । ଜିଲ୍ଲାରେ ଅଧିକ ଅମଳକ୍ଷମ ଓ ଦେଶୀ କିସମକୁ ମିଶାଇ ପ୍ରାୟ ୮୦୦ ହେକ୍ଟର ଜମିରେ ମକାଚାଷ କରାଯାଇଥାଏ । ମାତ୍ର ଚାଷ କରାଯାଉଥିବା କିସମରୁ ଅଧିକ ଅମଳ ମିଳିପାରୁନାହିଁ । ଏହା ସମସ୍ୟାକୁ ପରିଲ କ୍ଷିତ କରି କୃଷି ବିଜ୍ଞାନ କେନ୍ଦ୍ର ଓ.ୟୁ.ଏ.ଟି ଦ୍ୱାରା ବିକସିତ ହାଇବ୍ରିଡ କିସମ "କଳିଙ୍ଗ ରାଜ"କୁ ଲହଣ୍ଡାବୁଡ, ରାଣୀବନ୍ଧ ଓ ଡମକୁଡା ଗ୍ରାମର ୧୦ ଜଣ ଆଗୁଆ ଚାଷୀଙ୍କ କ୍ଷେତରେ ପ୍ରଦର୍ଶନ କରାଯାଇଥିଲା । ଏହି ହାଇବ୍ରିଡ୍ ମକାଚାଷରୁ ହାରାହାରି ଅମଳ ୭୧.୯ କ୍ୱିଣ୍ଟାଲ ମିଳିଥିବାବେଳେ ଅଧିକ ଅମଳକ୍ଷମ କିସମରୁ ୬୦.୮ କ୍ୱିଣ୍ଟାଲ ମିଳିଥିଲା, ଯାହାକି ୧୮.୨୬ ଶତାଂଶ ଅଥିକ ଥିଲା । ଏହାଛଡା, ଏହି କସମରେ ମରୁଡି ସହଣୀଶକ୍ତି ଥିବାର ଦେଖାଯାଇଥିଲା । ହେକ୍ଟର ପ୍ରତି ନିଟ୍ ଲାଭ ଟ.୭୦,୫୯୩ ଥିଲା । ଏହି ହାଇବ୍ରିଡ କିସମର ସଫଳତାକୁ ଲକ୍ଷ୍ୟ କରି ଆଗାମୀ ଦିନରେ ଅଧିକ ଚାଷ ଜମିରେ ଏହି ମକାଚାଷ କରିବାକୁ ଲକ୍ଷ୍ୟ ରଖା ଯାଇଛି ।





## ପୋଷଣ ବାଟିକା ଓ ବୃକ୍ଷରୋପଣ ମହାଅଭିଯାନ

ତା ୧୭.୦୯.୨୦୨୧ ରିଖ କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ ଓ ଇଫ୍‌କୋ ମିଳିତ ଆନୁକୁଲ୍ୟରେ ପୋଷଣ ବାଟିକା ଓ ବୃକ୍ଷ ରୋପଣ ମହାଭିଯାନ ଅନୁଷ୍ଠିତ ହୋଇଯାଇଥିଲା । ଆନ୍ତର୍ଜାତୀକ ପୋଷକ ଶସ୍ୟ ବର୍ଷ-୨୦୨୩ ଉପଲକ୍ଷେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ ସଦର ବିଧାୟିକା ଶ୍ରୀମତୀ କୁସୁମ ଟେଟେ ଓ ସମ୍ମାନିତ ଅତିଥି ଭାବେ ତଲସରା ବିଧାୟକ ଶ୍ରୀଯୁକ୍ତ ଭବାନୀଶଙ୍କର ଭୋଇ ଯୋଗଦେଇ ବୃକ୍ଷରୋପଣ କାର୍ଯକ୍ରମର ଶୁଭାରମ୍ଭ କରିବା ସହିତ ସୁଷମ ଖାଦ୍ୟ ପାଇଁ ପୋଷଣ ବାଟିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟ ଅତିଥିମାନେ ପୋଷଣ ବଗିଚା, ମାଣ୍ଡିଆ ଚାଷ ଓ ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତି ଉପରେ ଆଲୋକପାତ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ର ଓ ଗବେଷଣା କେନ୍ଦ୍ରର ବୈଜ୍ଞାନିକ୍ ମାନେ ପୋଷକ ଶସ୍ୟ ଓ ବୃକ୍ଷରୋପଣର ଆବଶ୍ୟକତା ଉପରେ ସାରଗର୍ଭକ ବକ୍ତବ୍ୟ ଦେଇଥିଲେ । ଏହି କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ କୃଷି ବିଜ୍ଞାନ କେନ୍ଦ୍ରର ବିକ୍ରୟ କେନ୍ଦ୍ର "ଗାର୍ଡେନ ଫ୍ରେସ" କୁ ସମ୍ମାନିତ ଅତିଥିଙ୍କ ଦ୍ୱାରା ଶୁଭ ଉଦ୍ଘାଟନ କରାଯାଇଥିଲା । ଅତିଥି ମାନଙ୍କଦ୍ୱାରା ଉପସ୍ଥିତ ସମସ୍ତ ଚାଷୀମାନଙ୍କୁ ଇଫ୍‌କୋ ତରଫରୁ ପନିପରିବା ମଞ୍ଜି କିଟ୍ ତଥା ସଜନା ଓ ଅମୃତଭଣ୍ଡାଚାରା ବଂଟନ କରାଯାଇଥିଲା । କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ପୋଷଣ ବଗିଚାର ପୁସ୍ତକ ଓ ଚାଷବାସର ପକେଟ୍ କୃଷି ପୁସ୍ତିକା ବଂଟନ କରାଯାଇଥିଲା । ମିଲେଟ ମିଶନ, ସୁନ୍ଦରଗଡର ଜିଲ୍ଲା ସଂଯୋଜକ ଯୋଗ ଦେବା ସହିତ ମିଶନ ଅଧିନରେ ଥିବା ଏନ.ଜି.ଓ ସି.ଆଇ.ଆର.ଟି.ଡିର ସଭ୍ୟମାନଙ୍କ ଦ୍ୱାରା ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ପଦାର୍ଥକୁ ପ୍ରଦର୍ଶନ ଓ ପରିବେଷଣ କରାଯାଇଥିଲା । ଜିଲ୍ଲାର ବିଭିନ୍ନ ବ୍ଲକରୁ ପ୍ରାୟ ୭୫ ଜଣ ଅଗ୍ରଣୀଚାଷି ଭାଇ ଓ ଭଉଣୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।




## ଆର୍ନ୍ତଜାତୀୟ ମହିଳା ଦିବସ ୨୦୨୨ ପାଳିତ

ଅଦ୍ୟ ତା ୦୮.୦୩.୨୦୨୨ ରିଖ କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ-୧, କିରେଇ ଓ ସେବକ, ସୁନ୍ଦରଗଡର ମିଳିତ ଆନୁକୂଲ୍ୟରେ "ଆର୍ନ୍ତଜାତୀୟ ମହିଳା ଦିବସ ୨୦୨୨" ଟାଙ୍ଗରପାଲି ବ୍ଲକ ଫୁଲଧୂଡି ଗ୍ରାମରେ ପାଳିତ ହୋଇଯାଇଛି । ଏହି ଦିବସ ପାଳନ ଅବସରରେ ଗ୍ରାମର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନଙ୍କଦ୍ୱାରା ମହିଳା ଶସକ୍ତିକରଣ ଉପରେ ଏକ ରାଲିର ଆୟୋଜନ କରାଯାଇଥିଲା । ଫୁଲଧୁଡି ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ରାଲିରେ ସଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଥିଲା । କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଯୋଗଦେଇ ଏହି ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ବର୍ଣ୍ଣନା କରିଥିଲେ । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ, ଶ୍ରୀଯୁକ୍ତ ରାମକୃଷ୍ଣ ଗଣ୍ଡ, ପ୍ରକଳ୍ପ ପ୍ରଶାସକ, ସମନ୍ୱୀତ ଆଦିବାସୀ ଉନ୍ନୟନ ସଂସ୍ଥା, ସୁନ୍ଦରଗଡ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ମହିଳା ମାନଙ୍କୁ ପୁରୁଷମାନଙ୍କ ସହିତ ତାଳଦେଇ ସମାଜ ଗଠନ ଦିଗରେ ବ୍ରତୀ ହେବାପାଇଁ ପରାମର୍ଶ ଦେଇଥିଲେ । ଉପଯୁକ୍ତ ଜ୍ଞାନ କୌଶଳ, ତାଲିମ ପ୍ରଦାନ ଦ୍ୱାରା ମହିଳାମାନଙ୍କର ଦକ୍ଷତା ବୃଦ୍ଧି ହେବା ସହିତ ରୋଜଗାରକ୍ଷମ ହୋଇ ସାମାଜିକ ପ୍ରତିଷ୍ଠା ଲାଭକରିବା ଉପରେ ଅତିଥିମାନେ ମତପୋଷଣ କରିଥିଲେ । ବିଭିନ୍ନ ବିଭାଗର ଉପସ୍ଥିତ ଅଧିକାରୀ ମାନେ ସରକାରୀ ଯୋଜନା ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ । ଏହି ଉତ୍ସବ ଉପଲକ୍ଷେ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ମୂଲ୍ୟଯୁକ୍ତ ଉତ୍ପାଦ, ଛତୁ ଓ ଜୈବିକ ପନିପରିବା, ଜିଆଖତର ଏକ ପ୍ରଦର୍ଶନୀ ଓ ଖାଦ୍ୟମେଳାର ଆୟୋଜନ କରାଯାଇଥିଲା । ଅତିଥି ଓ ଉପସ୍ଥିତ ଜନତା ଖାଦ୍ୟମେଳାର ଭରପୁର ମଜା ନେଇଥିଲେ । ଏହି ଜିଲ୍ଲାସ୍ତରୀୟ ମହିଳା ଦିବସରେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୫୦ ଜଣ କୃଷି ଜିବୀ ମହିଳା ଓ ଉଦ୍ୟୋଗୀ ଯୋଗ ଦେଇଥିଲେ । ଏହି ଅବସରରେ କୃତି ମହିଳାମାନଙ୍କୁ ସମ୍ମାନିତ କରାଯାଇଥିଲା ।




## ପାଣିପାଗ ସହିଷ୍ଣୁ ଜ୍ଞାନ କୌଶଳ ଓ ପ୍ରୟୋଗ ବିଧିର ବ୍ୟାପକ ସଚେତନତା

ତା ୨୮.୦୯.୨୦୨୧ ରିଖ କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ-୧ ପରିସରରେ ପାଣିପାଗ ସହିଷ୍ଣୁ ଜ୍ଞାନ କୌଶଳ ଓ ପ୍ରୟୋଗ ବିଧିର ବ୍ୟାପକ ସଚେତନତା କାର୍ଯ୍ୟକ୍ରମର ସିଧା ପ୍ରସାରଣ ୭୦ ଜଣ ପୁରୁଷ ଓ ମହିଳା ଚାଷିଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ୩୫ଟି ପାଣିପାଗ ସହିଷ୍ଣୁ ଫସଲ କିସମ ଗୁଡିକୁ ଉନ୍ମୋଚନ କରାଯାଇ ଦେଶକୁ ସମର୍ପଣ କରିଥିଲେ । ଏବଂ ବିଭିନ୍ନ ରାଜ୍ୟର ଅଭିନବ ସଫଳ ଚାଷିଙ୍କ ସହିତ ଆଲୋଚନା କରିଥିଲେ । ଚାରୋଟି ବିଶ୍ୱ ବିଦ୍ୟାଳୟକୁ ଗ୍ରୀନ କ୍ୟାମ୍ପସ ପୁରସ୍କାର ଘୋଷଣା କରିଥିଲେ । ଏବଂ ଚାଷୀମାନଙ୍କୁ ପାଣିପାଗ ସହିଷ୍ଣୁ ଫସଲ, ପୋଷଣ ନିରାପତା ନିମନ୍ତେ ସଚେତନତା ଓ କୃଷି କାର୍ଯ୍ୟର ବିଭିନ୍ନ ଯୋଜନା ଉପରେ ସମଗ୍ର ଦେଶବାସୀଙ୍କୁ ଜଣାଇଥିଲେ । ଏହି ବ୍ୟପକ ସଚେତନତା କାର୍ଯ୍ୟକ୍ରମରେ କୃଷି ମନ୍ତ୍ରୀ, ଭାରତ ସମ୍ମାନନୀୟ ଶ୍ରୀଯୁକ୍ତ ନରେନ୍ଦ୍ର ସିଂ ତୋମାର, ଛତିଶଗଡର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଭୂପେଶ ଭାଘେଲ, ଭାରତୀୟ କୃଷି ଓ ଅନୁସନ୍ଧାନ ପରିଷଦର ଡାଇରେକ୍ଟର ଜେନେରାଲ ଡଃ. ତ୍ରିଲୋଚନ ମହାପାତ୍ରଙ୍କ ସହିତ ଭାରତର ୭୨୨ଟି କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଓ ୭୦ ହଜାରରୁ ଉର୍ଦ୍ଧ୍ୱ ଚାଷୀ ସିଧା ପ୍ରସାରଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।




## ମହୁମାଛି ପାଳନ ଉପରେ 7 ଦିନିଆ କୌଶଳ ବିକାଶ ତାଲିମ

ଜାତୀୟ ମହୁମାଛି ବୋର୍ଡର ଆନୁକୂଲ୍ୟରେ୍ କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼-1 ଦ୍ୱାରା ମହୁମାଛି ପାଳନ ଉପରେ ଦୁଇଟି 7 ଦିନିଆ କୌଶଳ ବିକାଶ ତାଲିମ କାର୍ଯ୍ୟକ୍ରମ କେନ୍ଦ୍ର ପରିସରରେ ଆୟୋଜିତ ହୋଇଥିଲା । 15ରୁ 23 ଏବଂ 24ରୁ 30 ମାର୍ଚ୍ଚ 2022 ରେ ଆୟୋଜିତ ତାଲିମ ଶିବିରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ 60 ଜଣ ଆଗ୍ରହୀ ଅଗ୍ରଣୀଚାଷୀ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ । ପ୍ରଶିକ୍ଷାର୍ଥୀ ମାନଙ୍କୁ ଓ.ୟୁ.ଏ.ଟି ର ପ୍ରାକ୍ତନ ପ୍ରଫେସର ଡ଼ଃ. ଚିତ୍ତରଞ୍ଜନ ଶତପଥି, ବରିଷ୍ଠ ବୈଜ୍ଞାନିକ ଡଃ. ଉମାଶଙ୍କର ନାୟକ, କୋରାପୁଟର ମହୁଚାଷ ଉଦ୍ୟୋଗୀ ନିତାଇ ଚରଣ ଦଳାଇ, ଅନୁଭବୀ ମହୁଚାଷୀ ଶତ୍ରୁଘ୍ନ ମିଶ୍ର, ପ୍ରସନ୍ନ କୁମାର ପଟେଲ, ବିରଞ୍ଚି ନାୟକ ପ୍ରମୁଖ ତାଲିମ ପ୍ରଦାନ କରିବା ସହିତ ପ୍ରାକ୍ଟିକାଲ ମାଧ୍ୟମରେ ସେମାନଙ୍କୁ ଚାଷ କୌଶଳ ବୁଝାଇଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ. ଲକ୍ଷ୍ମୀପ୍ରିୟା ପ୍ରଧାନ ପ୍ରଶିକ୍ଷାର୍ଥୀମାନଙ୍କୁ ତାଲିମ୍ ପ୍ରଦାନ କରିବା ସହିତ ଜିଲ୍ଲାରେ କିପରି ମହୁଚାଷ ଉଦ୍ୟୋଗୀ ସୃଷ୍ଟି କରାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ । ତାଲିମ କାର୍ଯ୍ୟକ୍ରମ ସହିତ ପ୍ରଶିକ୍ଷାର୍ଥୀମାନଙ୍କୁ ସ୍ଥାନୀୟ ଗୁରାବସା ଓ କନ୍ଦାବାହାଲରେ ହୋଇଥିବା ମହୁଚାଷକୁ ପରିଭ୍ରମଣରେ ନିଆଯାଇଥିଲା ଶେଷରେ ସଫଳ ପ୍ରଶିକ୍ଷାର୍ଥୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।





## କୃଷିଶିକ୍ଷା ଦିବସ - ୨୦୨୧ ପାଳିତ

ଗତ ତା ୦୩.୧୨.୨୦୨୧ ରିଖ ସ୍ଥାନୀୟ ଭବାନୀ ଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ-୧, କିରେଇ ଦ୍ୱାରା "କୃଷିଶିକ୍ଷା ଦିବସ-୨୦୨୧" ପାଳନ କରାଯାଇଅଛି । ଏହି ଦିବସ ପାଳନ ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଶ୍ରୀବତ୍ସ ଚୌଧୁରୀ ତଥା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ପ୍ରାୟ ୨୦୦ ଜଣ ଛାତ୍ର ଛାତ୍ରୀ ଯୋଗଦେଇଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡେଭିଡ୍ ଜେମସ୍ ବାଗେ ସ୍ୱାଗତ ଭାଷଣ ଦେଇ ଏହି ଦିବସ ପାଳନର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ । ଆୟୋଜିତ ସଭାରେ ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ଼ଃ. ଲକ୍ଷ୍ମୀପ୍ରିୟା ପ୍ରଧାନ ସଭାପତିତ୍ୱ କରିବା ସହିତ କୃଷି ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ମୃତ୍ତିକା ବୈଜ୍ଞାନିକ ଡ଼ଃ. ମନୋଜ କୁମାର ଜେନା କୃଷି ଶିକ୍ଷାର ବିଭିନ୍ନ ଦିଗ ଉପରେ ଛାତ୍ର ଛାତ୍ରୀମାନଙ୍କୁ ବୁଝାଇଥିଲେ । ଏହି ଦିବସ ଉପଲକ୍ଷେ "ବର୍ତ୍ତମାନ ପରିପ୍ରେକ୍ଷୀରେ କୃଷିର ଗୁରୁତ୍ୱ" ବିଷୟରେ ଏକ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇ ଚାରିଜଣ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା ।




## ବୋଟାମ ଛତୁ ତାଲିମ ଶିବିର

ଓଡ଼ିଶାରେ ପ୍ରଥମକରି ବୋଟାମ ଛତୁ ଉପରେ ତିନିଦିନିଆ ତାଲିମ ଶିବିର ୪-୬ ଅକ୍ଟୋବର ୨୦୨୧ ରିଖ କିରେଇସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ-୧ ଠାରେ ଅନୁଷ୍ଠିତ ହୋଇଥିଲା । ଏହି ତାଲିମ ଶିବିରରେ ୩୦ଟି ଆଗ୍ରହୀ ଛତୁଚାଷୀ ଅଫଲାଇନ ମାଧ୍ୟମରେ ଏବଂ ଅନଲାଇନ ମାଧ୍ୟମରେ ଓଡ଼ିଶାର ସମସ୍ତ ଜିଲ୍ଲାର କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ ତଥା ବିଭିନ୍ନ ଜିଲ୍ଲାର ଆଗ୍ରହୀ ଛତୁ ଉଦ୍ୟୋଗୀମାନେ ଯୋଗ ଦେଇଥିଲେ ।

ହିମାଚଳ ପ୍ରଦେଶର ସୋଲାନସ୍ଥିତ ଛତୁ ଗବେଷଣା ନିର୍ଦ୍ଦେଶାଳୟର ପ୍ରମୁଖ ବୈଜ୍ଞାନିକମାନଙ୍କ ଠାରୁ ଅନଲାଇନରେ ବୋଟାମ ଛତୁ ଚାଷର ଜ୍ଞାନ କୌଶଳ(କମ୍ପୋଷ୍ଟ ପ୍ରସ୍ତୁତ, ଚାଷ ପ୍ରଣାଳୀ), ଲାଭକ୍ଷତି ଓ ଭିତ୍ତିଭୂମି ବାବଦକୁ ଆନୁଷାଙ୍ଗିକ ଖର୍ଚ୍ଚ ଇତ୍ୟାଦି ବିଷୟରେ ସବିଶେଷ ତଥ୍ୟ ପାଇଥିଲେ । ଏହା ବ୍ୟତୀତ ଓୟୁଏଟିର ପୂର୍ବତନ ପ୍ରଧ୍ୟାପକ ଡଃ. କୈଳାଶ ବିହାରୀ ମହାପାତ୍ରଙ୍କ ଠାରୁ ଓଡ଼ିଶାରେ ବୋଟାମ ଛତୁ ଚାଷର ସମ୍ଭାବନା ଓ ସୁଯୋଗ ବାବଦରେ ତଥ୍ୟ ପାଇଥିଲେ । ଏହି ତାଲିମ କାର୍ଯ୍ୟକ୍ରମର ଅନ୍ତିମ ଦିବସରେ ଓଡ଼ିଶାର ଏକମାତ୍ର ପ୍ରତିଷ୍ଠିତ ବୋଟାମ ଛତୁ ଉଦ୍ୟୋଗୀ ଶ୍ରୀଯୁକ୍ତ ବୁଲୁରାଓଙ୍କର ଚମାଖଣ୍ଡିସ୍ଥିତ ବୋଟାମ ଛତୁ ପ୍ରକଳ୍ପ ଅନଲାଇନ ଭିଡିଓ (ଜ୍ଞାନ କୌଶଳ ଓ ଏଥିରେ ଜଡ଼ିତ ସମସ୍ୟା ଓ ଲାଭକ୍ଷତି) ବାବଦରେ ପ୍ରତ୍ୟକ୍ଷ ବାର୍ତ୍ତାଳାପ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଓୟୁଏଟି ସମ୍ପ୍ରସାରଣ ଅଧକ୍ଷ ପ୍ରଫେସର ତଥା ଯୁଗ୍ମ-ନିର୍ଦ୍ଦେଶକ (ସୂଚନା) ଯୁଗ୍ମ ନିର୍ଦ୍ଦେଶକ ଯୋଗ ଦେଇଥିଲେ । ଏହି ତାଲିମ କାର୍ଯ୍ୟକ୍ରମଟି ଆତ୍ମା, ସୁନ୍ଦରଗଡଙ୍କ ସହାୟତାରେ ଅନୁଷ୍ଠିତ ହୋଇଥିବାବେଳେ ବିଭିନ୍ନ ବ୍ଲକର ସହକାରୀ ଉଦ୍ୟାନ ଅଧିକାରୀମାନେ ଅନଲାଇନ ମାଧ୍ୟମରେ ଯୋଗଦେଇଥିଲେ ।




## କୃଷକଙ୍କ ଆୟକୁ ଦ୍ୱିଗୁଣିତ କରିବା ଶୀର୍ଷକ ଆଲୋଚନାଚକ୍ର

ତା ୨୧.୧୧.୨୦୨୧ ରିଖ କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ-୧ "୨୦୨୨ ସୁଦ୍ଧା ଓଡିଶାରେ କୃଷକଙ୍କ ଆୟକୁ ଦ୍ୱିଗୁଣିତ କରିବା" ଉଦ୍ଦେଶ୍ୟରେ ଏକ ଷଷ୍ଠତମ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଅଛି । ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ଓ ବେସରକାରୀ ଅନୁଷ୍ଠାନ 'ଅନନ୍ୟା'ର ମିଳିତ ଉଦ୍ୟମରେ ଏହି ସେମିନାର ଭର୍ଚୁଆଲ ମୋଡରେ ଆୟୋଜନ କରାଯାଇଥିଲା । ଭର୍ଚୁଆଲ ମୋଡରେ କୃଷକ-ବୈଜ୍ଞାନିକ ଆଲୋଚନା ଚକ୍ର କରାଯାଇଥିଲା । ରାଜ୍ୟରେ ନୂତନ ବିହନ, ଆଧୁନିକ ଜ୍ଞାନ କୌଶଳ ଓ ପାଣିପାଗ ଭିତ୍ତିକ କୃଷିକୁ ପ୍ରୟୋଗକରି ସମନ୍ୱିତ କୃଷିକୁ ଆପଣେଇନେଲେ ନିଶ୍ଚିତରୂପେ କୃଷକର ଆୟ ବୃଦ୍ଧି ହୋଇପାରିବ ବୋଲି ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ପଵନ କୁମାର ଅଗ୍ରୱାଲ ମତପ୍ରକାଶ କରିଥିଲେ । ସୁନ୍ଦରଗଡ଼ କୃଷି ବିଜ୍ଞାନ କେନ୍ଦ୍ରରେ ୪୦ରୁ ଉର୍ଦ୍ଧ୍ୱ କୃଷକ ଓ କୃଷିଜିବୀ ମହିଳା ଯୋଗ ଦେଇଥିଲେ । ଏବଂ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜଣାଇବା ସହିତ ସମନ୍ୱିତ ଉପାୟରେ କୃଷିକାର୍ଯ୍ୟ କରିବାପାଇଁ ମତପ୍ରକାଶ କରିଥିଲେ ।




## ପାଣିପାଗ ସହିଷ୍ଣୁ ଜ୍ଞାନ କୌଶଳ ଓ ପ୍ରୟୋଗ ବିଧିର ବ୍ୟାପକ ସଚେତନତା

ତା ୨୮.୦୯.୨୦୨୧ ରିଖ କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ-୧ ପରିସରରେ ପାଣିପାଗ ସହିଷ୍ଣୁ ଜ୍ଞାନ କୌଶଳ ଓ ପ୍ରୟୋଗ ବିଧିର ବ୍ୟାପକ ସଚେତନତା କାର୍ଯ୍ୟକ୍ରମର ସିଧା ପ୍ରସାରଣ ୭୦ ଜଣ ପୁରୁଷ ଓ ମହିଳା ଚାଷିଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ୩୫ଟି ପାଣିପାଗ ସହିଷ୍ଣୁ ଫସଲ କିସମ ଗୁଡିକୁ ଉନ୍ମୋଚନ କରାଯାଇ ଦେଶକୁ ସମର୍ପଣ କରିଥିଲେ । ଏବଂ ବିଭିନ୍ନ ରାଜ୍ୟର ଅଭିନବ ସଫଳ ଚାଷିଙ୍କ ସହିତ ଆଲୋଚନା କରିଥିଲେ । ଚାରୋଟି ବିଶ୍ୱ ବିଦ୍ୟାଳୟକୁ ଗ୍ରୀନ କ୍ୟାମ୍ପସ ପୁରସ୍କାର ଘୋଷଣା କରିଥିଲେ । ଏବଂ ଚାଷୀମାନଙ୍କୁ ପାଣିପାଗ ସହିଷ୍ଣୁ ଫସଲ, ପୋଷଣ ନିରାପତା ନିମନ୍ତେ ସଚେତନତା ଓ କୃଷି କାର୍ଯ୍ୟର ବିଭିନ୍ନ ଯୋଜନା ଉପରେ ସମଗ୍ର ଦେଶବାସୀଙ୍କୁ ଜଣାଇଥିଲେ । ଏହି ବ୍ୟାପକ ସଚେତନତା କାର୍ଯ୍ୟକ୍ରମରେ କୃଷି ମନ୍ତ୍ରୀ, ଭାରତ ସମ୍ମାନନୀୟ ଶ୍ରୀଯୁକ୍ତ ନରେନ୍ଦ୍ର ସିଂ ତୋମାର, ଛତିଶଗଡର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଭୂପେଶ ଭାଘେଲ, ଭାରତୀୟ କୃଷି ଓ ଅନୁସନ୍ଧାନ ପରିଷଦର ଡାଇରେକ୍ଟର ଜେନେରାଲ ଡଃ. ତ୍ରିଲୋଚନ ମହାପାତ୍ରଙ୍କ ସହିତ ଭାରତର ୭୨୨ଟି କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଓ ୭୦ ହଜାରରୁ ଉର୍ଦ୍ଧ୍ୱ ଚାଷୀ ସିଧା ପ୍ରସାରଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।





## ୧୮ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ

ତା 29.12.2021 ରିଖ କୃଷି ବିଜ୍ଞାନ କେନ୍ଦ୍ରର 18ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ହାଇବ୍ରିଡ୍ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ସମ୍ପ୍ରସାରଣ ନିର୍ଦ୍ଦେଶକ ପ୍ରଫେସର (ଡ଼଼ଃ) ପ୍ରଶନ୍ନଜିତ୍ ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନର ଅତିରିକ୍ତ ଜିଲ୍ଲାପାଳ ତଥା ଖଣିଜ ପ୍ରତିଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ମହେଶ୍ୱର ନାଏକ ମୁଖ୍ୟ ଅତିଥି ଏବଂ ଯୁଗ୍ମ ନିର୍ଦ୍ଦେଭାଶକ (ତଥ୍ୟ) ଡଃ ମହାମାୟା ପ୍ରସାଦ ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ଼ଃ ଲକ୍ଷ୍ମୀପ୍ରିୟା ପ୍ରଧାନ କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼-1 ର ବାର୍ଷିକ ବିବରଣୀ ପାଠ କରିବା ସହିତ ଆଗାମୀ ବର୍ଷର କାର୍ଯ୍ୟକ୍ରମର ଖସଡା ଉପସ୍ଥାପନ କରିଥିଲେ । ଉପସ୍ଥିତ କୃଷି ତଥା ଆନୁଷାଙ୍ଗିକ ବିଭାଗର ଅଧିକାରୀ, ଆମନ୍ତ୍ରିତ ଅଗ୍ରଣୀଚାଷୀ ଓ ଏନ୍. ଜି.ଓ ସଦସ୍ୟମାନେ ସୁଚିନ୍ତିତ ମତାମତ ଓ ପରାମର୍ଶ ଦେଇଥିଲେ । ଧାନର ଉନ୍ନତ ପରୀକ୍ଷଣ, ରୋଗ ପୋକ ପରିଚାଳନା, ଜୈବିକ କୃଷି, ଛତୁ ଚାଷ, ମହୁଚାଷ, ଜିଆଖତ ଚାଷ, ପୁଷ୍ଟିଶସ୍ୟ, ମାଣ୍ଡିଆ ଚାଷ ଓ ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତି, ଟମାଟୋ କିସମ, ମୃତ୍ତିକା ପରିଚାଳନା ଓ ସମନ୍ୱିତ ଖାଦ୍ୟ ସାର ପରିଚାଳନା ଉପରେ ଆଲୋଚନା କରାଯାଇଥିଲା ।




## ପେଟ୍ରୋଲିୟମ ସଂରକ୍ଷଣ (PCRA) କୃଷି କର୍ମଶାଳା

କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ-୧ ପରିସରରେ ପେଟ୍ରୋଲିୟମ ସଂରକ୍ଷଣ ସମ୍ପର୍କରେ ଏକ କୃଷି ଭିତ୍ତିକ ଚାରୋଟି କର୍ମଶାଳା ଅନୁଷ୍ଠିତ ହୋଇ ଥିଲା । ଏଥିରେ ଭାରତ ସରକାରଙ୍କର (ତୈଳ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରାଳୟ) ପେଟ୍ରୋଲିୟମ ସଂରକ୍ଷଣ ଗବେଷଣା ସଂଘ ଓ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଏବଂ ପ୍ରତିଟି କୃଷି ବିଜ୍ଞାନ କେନ୍ଦ୍ରରେ ଚାଷୀମାନଙ୍କୁ ଟ୍ରାକ୍ଟର ଓ ଅନ୍ୟାନ୍ୟ କୃଷି ଯନ୍ତ୍ରପାତି ବ୍ୟବହାରରେ ଡିଜେଲର ସଂଚୟ, ସୌରଶକ୍ତି ବ୍ୟବହାର ମାଧ୍ୟମରେ ପେଟ୍ରୋଲିୟମ ଜାତ ଦ୍ରବ୍ୟ ବ୍ୟବହାର କମାଯାଇ ପାରିବା ଉପରେ ଆଲୋଚନା କରାଯାଇଥିଲା । କୃଷି ଯନ୍ତ୍ରପାତି, ଉଠା ଜଳସେଚନ ବ୍ୟବହୃତ ପମ୍ପସେଟ ଏବଂ ଘରୋଇ ଇନ୍ଧନର ସଂଚୟର ଉପାଦେୟତା ବୃଦ୍ଧି ଉପରେ ଆଲୋଚନା କରାଯାଇଥିଲା । ଚାଷୀମାନଙ୍କୁ ସଚେତନତା କରିବା ପାଇଁ ଇନ୍ଧନ ସଂରକ୍ଷଣ ଉପରେ ଭିଡିଓ ଓ ପୋଷ୍ଟର ପ୍ରଦର୍ଶନ କରାଯାଇଥିଲା । ଏହି ସଭାରେ ତିନୋଟି ବ୍ଲକର ୩୦ ଜଣ ଚାଷୀ ଭାଗ ନେଇଥିଲେ ।




## ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ-2021 ପାଳିତ

ତା 05.12.2021 ରିଖ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ସୁନ୍ଦରଗଡ ଓ କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ-1, କିରେଇର ମିଳିତ ଆନୁକୂଲ୍ୟରେ "ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ-2021" ସ୍ଥାନୀୟ ରାଣୀବଗିଚାସ୍ଥିତ ଜିଲ୍ଲା ମୃତ୍ତିକା ପରୀକ୍ଷାଗାର ସଭାଗୃହରେ ପାଳିତ ହୋଇଥିଲା । ଏହି ଦିବସ ପାଳନ ଅବସରରେ ଆୟୋଜିତ ସଭାରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀଯୁକ୍ତ ନିଖିଲ ପୱନ କଲ୍ୟାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ଖଣିଜ ପ୍ରତିଷ୍ଠାନର ଆର୍ଥିକ ସହାୟତାରେ ପ୍ରତିଷ୍ଠା କରାଯାଇଥିବା ମୃତ୍ତିକା ପରୀକ୍ଷାଗାରର ଶୁଭ ଉଦଘାଟନ କରିଥିଲେ ଏବଂ ଏହି ପରୀକ୍ଷାଗାରଟି ଜିଲ୍ଲାର ଚାଷୀମାନଙ୍କ ପାଇଁ ବିଶେଷ ଉପଯୋଗୀ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଉପସ୍ଥିତ ଅତିଥିମାନେ ଏହି ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ବର୍ଣ୍ଣନା କରିଥିଲେ । ଜିଲ୍ଲାର ବିଭିନ୍ନ ବ୍ଲକରୁ 20 ଜଣ ଅଗ୍ରଣୀ ଚାଷୀଙ୍କୁ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଓ ଅନ୍ୟ ଅତିଥିମାନଙ୍କ ଦ୍ୱାରା ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼ ପ୍ରଦାନ କରାଯାଇଥିଲା । ଏହି ଦିବସ ପାଳନ ଉପଲକ୍ଷେ ଆୟୋଜିତ ବୈଷୟିକ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ ଓ ବୈଜ୍ଞାନିକମାନେ ମୃତ୍ତିକା ପରୀକ୍ଷା, ଜୈବିକ କୃଷି, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼, ସମନ୍ୱିତ ଖାଦ୍ୟ ସାର ପରିଚାଳନା ଆଦି ବିଷୟରେ ଆଲୋଚନା କରିଥିଲେ । ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ 25 ଜଣ କୃଷିକର୍ମଚାରୀ ମଧ୍ୟ ଯୋଗଦେଇଥିଲେ ।




## କେନ୍ଦ୍ରୀୟ ମତ୍ସ୍ୟ ବୈଷୟିକ ଅନୁଷ୍ଠାନ (CIFT) ଦ୍ୱାରା ବିକଶିତ ଜ୍ଞାନ କୌଶଳର ପ୍ରସାର

କିରେଇସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼-1 ଓ କେନ୍ଦ୍ରୀୟ ମତ୍ସ୍ୟ ବୈଷୟିକ ଅନୁଷ୍ଠାନ, କୋଚିନର ସହାୟତାରେ ମତ୍ସ୍ୟ ଅମଳ ପରବର୍ତ୍ତୀ ବୈଷୟିକ ଯନ୍ତ୍ରପାତି ଓ ମାଛରୁ ପ୍ରସ୍ତୁତ ମୂଲ୍ୟଯୁକ୍ତ ଦ୍ରବ୍ୟ ପ୍ରସ୍ତୁତି ଉପରେ 6 ଦିନିଆ କୌଶଳ ବିକାଶ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ଆୟୋଜିତ ତାଲିମ ଶିବିରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ 40 ଜଣ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ମତ୍ସ୍ୟଚାଷୀ ତାଲିମ ଗ୍ରହଣ କରିଥିଲେ । ପ୍ରଶିକ୍ଷାର୍ଥୀ ମାନଙ୍କୁ ବାଲେଶ୍ୱରସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଓ ପୁରୀ କୃଷି ବିଜ୍ଞାନ କେନ୍ଦ୍ରର ମତ୍ସ୍ୟ ବିଜ୍ଞାନୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ଲେଫ୍ରିପଡା ସହ-ମତ୍ସ୍ୟ ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଓ କାର୍ଯ୍ୟକ୍ରମ ସହାୟକ (ମତ୍ସ୍ୟ ବିଜ୍ଞାନ) ପ୍ରଶିକ୍ଷାର୍ଥୀମାନଙ୍କୁ ତାଲିମ୍ ପ୍ରଦାନ କରିବା ସହିତ ମାଛରୁ ପ୍ରସ୍ତୁତ ମୂଲ୍ୟଯୁକ୍ତ ଦ୍ରବ୍ୟର ପ୍ରସ୍ତୁତି ପ୍ରଣାଳୀ ପ୍ରଦର୍ଶନ କରିଥିଲେ । ତାହାପରେ ପ୍ରଶିକ୍ଷାର୍ଥୀ ମାନଙ୍କ ଦ୍ୱାରା ମାଛ ଏବଂ ଚିଙ୍ଗୁଡିର ଆଚାର, କଟଲେଟ୍, ମାଛବଲ୍, ମାଛଚପ୍ ଇତ୍ୟାଦି ପ୍ରସ୍ତୁତ କରାଯାଇଥିଲା । ଶେଷରେ ସଫଳ ପ୍ରଶିକ୍ଷାର୍ଥୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଶେଷ ଦିବସରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ସରକାରୀ ସୁବିଧା ସୁଯୋଗ ବିଷୟରେ କହିବା ସହିତ ମତ୍ସ୍ୟଚାଷକୁ ଉଦ୍ୟୋଗ ହିସାବରେ କରିବାପାଇଁ ଉତ୍ସାହିତ କରିଥିଲେ ।





## ପ୍ରାକୃତିକ କୃଷି ଉପରେ ସଚେତନତା ଓ ତାଲିମ ଅନୁଷ୍ଠିତ

ତା 25.03.2022 ରିଖ ଭାରତୀୟ କୃଷି ଓ ଅନୁସନ୍ଧାନ ପରିଷଦ ଆନୁକୁଲ୍ୟରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ଅଧିନସ୍ଥ କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼-1 (କିରେଇ) ଦ୍ୱାରା "ପ୍ରାକୃତିକ କୃଷି" ଉପରେ ଏକ ସଚେତନତା ଓ ତାଲିମ୍ କାର୍ଯ୍ୟକ୍ରମ ବାଲିଶଙ୍କରା ବ୍ଲକର କେନ୍ଦୁଡିହି ଗ୍ରାମରେ ଅନୁଷ୍ଠିତ ହୋଇଥିଲା । ସୁନ୍ଦରଗଡର ସ୍ୱେଚ୍ଛାସେବୀ ସଙ୍ଗଠନ ସି.ଆଇ.ଆର.ଟି.ଡି ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକର ପ୍ରାୟ 100 ଜଣ ଚାଷୀଙ୍କୁ ପ୍ରାକୃତିକ କୃଷି ସମ୍ବନ୍ଧରେ ସଚେତନ କରାଯିବା ସହିତ ତାଲିମ ପ୍ରଦାନ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ମୃତ୍ତିକା ବୈଜ୍ଞାନିକ,ବରିଷ୍ଠ ବୈଜ୍ଞାନିକ, ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ, ଉପସ୍ଥିତ ଚାଷୀ ମାନଙ୍କୁ କୌଣସି ରାସାୟନିକ ସାର, କୀଟନାଶକ ବ୍ୟବହାର ନକରି ପ୍ରାକୃତିକ ସମ୍ବଳକୁ ବିନିଯୋଗକରି କିଭଳି ଚାଷ କରାଯାଇପାରିବ, ପ୍ରାକୃତିକ କୃଷିର ବିଭିନ୍ନ ଦିଗ, ରାସାୟନିକ ସାର ଓ ବିଷର କୁପରିଣାମ, ପାଣିପାଗ ଅନୁକୁଳ ଚାଷ ଆଦି ବିଷୟରେ ତାଲିମ ପ୍ରଦାନ କରିଥିଲେ । ନାବାର୍ଡ ଉପ-ଜିଲ୍ଲା ପ୍ରବନ୍ଧକ ବର୍ତ୍ତମାନ ପରିପ୍ରେକ୍ଷୀରେ ଫସଲ ବିବିଧିକରଣ, ବିକ୍ରିବଟା ତଥା କୃଷକ ସଙ୍ଗଠନ ବିଷୟରେ ଆଲୋଚନା କରିଥିଲେ । ସ୍ୱେଚ୍ଛାସେବୀ ସଙ୍ଗଠନ ସି. ଆଇ.ଆର.ଟି.ଡିର ମୁଖ୍ୟ ପରମ୍ପରାଗତ କୃଷି ବିକାଶ ଯୋଜନାରେ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ଓ ଅନୁଭୂତୀ ସମ୍ପର୍କରେ ବର୍ଣ୍ଣନା କରିଥିଲେ ଯାହାକି ଉପସ୍ଥିତି ଚାଷୀମାନଙ୍କୁ ପ୍ରାକୃତିକ କୃଷିକୁ ଆପଣାଇବା ପାଇଁ ପ୍ରେରଣା ଯୋଗାଇଥିଲା । ଏହି ଉପଲକ୍ଷେ ଆୟୋଜିତ ଏକ ପ୍ରଦର୍ଶନୀରେ ପରମ୍ପରାଗତ କୃଷି ବିକାଶ ଯୋଜନାରେ ଅନ୍ତର୍ଭୂକ୍ତ କିଛି ଚାଷୀଭାଇ ଓ ଭଉଣୀ, ନିଜ ଦ୍ୱାରା ଉତ୍ପାଦିତ ସମ୍ପୂର୍ଣ୍ଣ ଜୈବିକ ଦେଶୀ ଧାନ, ରାଶି, ସୋରିଷ, ଅମୃତଭଣ୍ଡା ଓ ଖମ୍ବଆଳୁ ଆଦି ପ୍ରଦର୍ଶନ କରିଥିଲେ । ତା ସହିତ ହାଣ୍ଡିଖତ, ପଞ୍ଚଗବ୍ୟ, ଜୀବାମୃତ ଆଦିର ପ୍ରସ୍ତୁତି ପ୍ରଣାଳୀକୁ ଦେଖାଇବା ସହିତ ତାର ଉପକାରିତା ବିଷୟରେ ମଧ୍ୟ ଉପସ୍ଥିତ ଚାଷୀମାନଙ୍କୁ ଜଣାଇଥିଲେ ।




## କାର୍ଯ୍ୟକ୍ରମର କିଛି ଝଲକ୍ ...























## ଖବରକାଗଜ ପୃଷ୍ଠାରୁ...

